**SAMPLE**

[No. of Questions : 05 ]
[No. of Printed Pages : 12]

Secretary

**PART -II**

**FL-ODIA**

*Time : 1½ Hours*
*Full Marks : 50*

**Roll No. of the Candidate**

| | | | | | | | |
|---|---|---|---|---|---|---|---|
| | | | | | | | |

(Verified and found correct)

Full signature of the Invigilator

Date of Examination ............................

**SET : A**

| REGULAR |
|---|
| AR -01 |

| 2014 |
|---|
| AH |

| PART -II |
|---|
| SUBJECTIVE |

## ପରୀକ୍ଷାର୍ଥୀଙ୍କ ନିମନ୍ତେ ସୂଚନା :

କ. ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାଟି ପାଇବା ପରେ ଏହା ଉପରେ ମୁଦ୍ରିତ ଥିବା ପ୍ରଶ୍ନ ସଂଖ୍ୟା ଓ ପୃଷ୍ଠା ସଂଖ୍ୟା ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାର ପ୍ରତ୍ୟେକପୃଷ୍ଠାରେ ପ୍ରଶ୍ନ ସଂଖ୍ୟା ଓ ପୃଷ୍ଠା ସଂଖ୍ୟା ସହିତ ମିଳାଇ ନିଅ । ଏଥିରେ ସେଟ୍ ସଂକେତ ପ୍ରତି ପୃଷ୍ଠାରେ ଠିକ୍ ଭାବରେ ଲେଖା ହୋଇଛି ନା ନାହିଁ ମଧ୍ୟ ମିଳାଇ ନିଅ ।

ଖ. ଯଦି କିଛି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତ୍ରୁଟିଯୁକ୍ତ ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାଟି ପରୀକ୍ଷା ଗୃହ ଦାୟିତ୍ୱରେ ଥିବା ନିରୀକ୍ଷକଙ୍କୁ ଫେରାଇ ଆଉ ଗୋଟିଏ ଠିକ୍ ପ୍ରଶ୍ନପତ୍ର ମାଗିନିଅ ।

ଗ. ପ୍ରତ୍ୟେକ ପ୍ରଶ୍ନର ତଳେ ଦିଆଯାଇଥିବା ନିର୍ଦ୍ଧାରିତ ସ୍ଥାନରେ ଉତ୍ତର ଲେଖିବାକୁ ହେବ ।

ଘ. ଆବଶ୍ୟକ ସ୍ଥଳେ ଶେଷରେ ଦିଆଯାଇଥିବା ଅତିରିକ୍ତ ପୃଷ୍ଠାରେ ଉତ୍ତର ଲେଖିବେ । ଶେଷରେ ଦିଆଯାଇଥିବା। (ରଫ୍ କରିବା) ସ୍ଥାନରେ ରଫ୍ କରିବେ ।

**FOR USE AT THE EVALUATION CENTRE**

| Q. No. | Marks awarded | Signature of Examiner |
|---|---|---|
| 1 | | Regd. No. |
| 2 | | Regd. No. |
| 3 | | Regd. No. |
| 4 | | Regd. No. |
| 5 | | Regd. No. |

Signature of the Scrutiniser
Regd. No.

Sign. of the Dy. Chief Examiner
Regd. No.

Sign. of the Chief Examiner
Regd. No.

Total Mark ☐ in words ..........................................................................................

Sign. of the Examiner

Date of Evaluation........................

## PART- "II"

ପରୀକ୍ଷାର୍ଥୀମାନେ ଯଥାସମ୍ଭବ ନିଜ ଭାଷାରେ ଉତ୍ତର ଦେବେ
Candidates are required to write the answer in
their own words as practicable
ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମୂଲ୍ୟାଙ୍କ ସୂଚାଉଛି
The figures in the right-hand margin indicate marks
ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।
Answer all questions as directed.

୧. **ପ୍ରାୟ ୧୨୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।** **[7]**

(କ) **"ଗ୍ରାମ୍ୟ ଜୀବନରେ ଏକପରିବାରତ୍ୱ ପରଂପରା"- ଏହି ସଂପର୍କରେ ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।**

**କିମ୍ବା**

**ସଭ୍ୟତାର ବିକାଶରେ ବିଜ୍ଞାନର ଅବଦାନ-ପଠିତ ପ୍ରବନ୍ଧ ଅନୁସରଣରେ ପ୍ରତିପାଦନ କର ।**

ଉତ୍ତର:-

(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ । (ପ୍ରାୟ ୫୦ଟି ଶବ୍ଦରେ) [5]

ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

କିମ୍ବା

ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।

ଉତ୍ତର:-

୭. ପ୍ରାୟ ୧୨୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ । [7]

(କ) ପଠିତ କବିତା ଅନୁସରଣରେ ବାଲ୍ମୀକି ଆଶ୍ରମର ପ୍ରଭାତକାଳୀନ ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନ କର ।

କିମ୍ବା

କବି ମାଟି ମାଆର ଜୟଗାନରେ ଶତମୁଖ-ଏହାକୁ ପଠିତ କବିତା ଅନୁସରଣରେ ବର୍ଣ୍ଣନ କର ।

ଉତ୍ତର:-



P.T.O

(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ । (ପ୍ରାୟ ୫୦ଟି ଶବ୍ଦରେ) [5]

ବିଭୁତିକି ଭୁଞ୍ଜୁଥିଲୁ ବିଭୁତି ଭୁଷଣେ
ବଡ଼କୁଳେ ଜନମି ଶରଣ କି କାରଣେ ଯେ ?

କିମ୍ବା

ପାପ-ଗର୍ତ୍ତେ ଯେହ୍ନେ ପଡଇ ଅଜ୍ଞାନ,
ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ ।

ଉତ୍ତର:-



P.T.O

୩.	ପ୍ରାୟ ୨୫୦ ଶବ୍ଦ ମଧ୍ୟରେ ଯେକୌଣସି ଗୋଟିଏ ବିଷୟରେ ପ୍ରବନ୍ଧ  ଲେଖ ।	[10]

(କ)	ଛାତ୍ରର କର୍ତ୍ତବ୍ୟ

(ଉପକ୍ରମ, -ଛାତ୍ରର କର୍ତ୍ତବ୍ୟବୋଧ, - ସମାଜ ଉପରେ ତାର ପ୍ରଭାବ,- ଉପସଂହାର

(ଖ)	ଓଡ଼ିଶା ର ପ୍ରାକୃତିକ ବିପର୍ଯ୍ୟୟ

(ଉପକ୍ରମ - ବିପର୍ଯ୍ୟୟ ର ପ୍ରକାରଭେଦ - ସମସ୍ୟାର ସମାଧାନ - ଉପସଂହାର)

(ଗ)	ତୁମର ପ୍ରିୟ ଖେଳ

(ଉପକ୍ରମ -ପ୍ରିୟ ଖେଳର କାରଣ- କ୍ରୀଡା ପଦ୍ଧତି ଓ ଲୋକପ୍ରିୟତା - ଉପସଂହାର)

4. ପ୍ରାୟ ୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ । [6]

ଦୈନିକ ସମ୍ବାଦପତ୍ର ପଢ଼ିବା ଅଭ୍ୟାସ କରିବା ପାଇଁ ସାନଭାଇଙ୍କୁ ଉପଦେଶ ଦେଇ ଏକ ପତ୍ର ଲେଖ ।

କିମ୍ବା

ତୁମ ଅଂଚଳ ରେ ମ୍ୟାଲେରିଆ ପ୍ରାଦୁର୍ଭାବ ଦେଖାଦେଇଛି । ଏହାର ପ୍ରତିକାର ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ଦରଖାସ୍ତ ଲେଖ ।

5. ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ । ପ୍ରତିଟି ଉତ୍ତର ପ୍ରାୟ ୨୫ଟି ଶବ୍ଦ ମଧ୍ୟରେ ହେବା ଆବଶ୍ୟକ । [2 X 5=10]

ସମାଜ ଓ ଜାତି ସମୃଦ୍ଧ ହୋଇଥାଏ ନୀତି ଓ ଆଦର୍ଶବାଦୀ ବ୍ୟକ୍ତି ବିଶେଷଙ୍କୁ ନେଇ । ଆଦର୍ଶବାଦୀଙ୍କ ଅବଦାନରେ ଜାତୀୟ ଜୀବନ ସମୃଦ୍ଧ ହୋଇଥାଏ । ସମୟକ୍ରମେ ଜାତୀୟ ଜୀବନ କଳୁଷିତ ହେଲେ ମଧ୍ୟ ନୀତିବାଦୀ ବ୍ୟକ୍ତିର ପ୍ରାଣଶକ୍ତି ଦୁର୍ବଳ ହୁଏନାହିଁ କିମ୍ବା କଠୋର ନିର୍ଯାତନାରେ ଲକ୍ଷ୍ୟଚ୍ୟୁତ ହୁଏନାହିଁ ସଚ୍ଚରିତ୍ର ବ୍ୟକ୍ତି ନୀତି ଓ ଆଦର୍ଶକୁ ଜୀବନର ଧ୍ରୁବତାରା ଭାବେ ଗ୍ରହଣ କରିନେଇ ଅବିଚଳିତ ଭାବରେ ଗତି କରିଥାଏ ।ମାଛ ଯେପରି ପାଣି ବିନା ବଂଚିପାରେ ନାହିଁ , ସତ୍ ମଣିଷ ସେହିପରି ନୀତି ଓ ଆଦର୍ଶବିନା ବଂଚିପାରେ ନାହିଁ। ଆଦର୍ଶକୁ ଜୀବନର ଶ୍ରେଷ୍ଠ ବନ୍ଧୁଭାବରେ ଗ୍ରହଣ କରି ନେଇଥିବା ବ୍ୟକ୍ତି ବୈଶାଖୀର ପ୍ରଳୟ ଝଞ୍ଜାକୁ ମଥାପାତି ସହିନିଏ । ଯାବତୀୟ ନିର୍ଯାତନାକୁ ହସି ହସି ସହିଯାଏ ପଛକେ ଅନ୍ତରର ନିବିଡ଼ତମ ପ୍ରଦେଶରୁ ନୀତିକୁ ପରିହାର କରେନାହିଁ । ମହାନ ନୀତି ଓ ଆଦର୍ଶର ଅନୁକରଣରେ ମଣିଷ ମହତ ହୋଇଥାଏ । ଜଗତ ମଣିଷର ପୂଜାକରେ ନାହିଁ, ପୂଜାକରେ ମଣିଷଭିତରେ ଥିବା ମଣିଷ ପଣିଆକୁ , ମହାନ ନୀତି ଓ ଆଦର୍ଶକୁ । ସମାଜ ଶ୍ରଦ୍ଧାକରେ ସେମାନଙ୍କର ଅନ୍ତରର ଅନ୍ତଃସ୍ଥଳରେ ଥିବା ଉଦାର ମାନବିକତା ଓ ମୂଲ୍ୟବୋଧକୁ । ଅନ୍ୟ ପକ୍ଷରେ ନୀତି ଓ ଆଦର୍ଶହୀନ ମଣିଷ ପୂତିଗନ୍ଧମୟ ଶବ ସଦୃଶ । ଏଭଳି ବ୍ୟକ୍ତିର ଆଖ ପାଖରେ ଆତଯାତ ହେଉଥିବା ମଣିଷ ସେମାନଙ୍କୁ ମନେରଖନ୍ତି ସ୍ୱଳ୍ପ କାଳ ପାଇଁ, ମଣିଷ ବଂଚେ ନାହିଁ ଚିରକାଳ, ମାତ୍ର କାଳ କାଳକୁ ବଂଚିରହେ ତାର ଆଦର୍ଶ ।

(କ)ଜାତୀୟ ଜୀବନ କିପରି ସମୃଦ୍ଧ ହୋଇଥାଏ ?

(ଖ) ଜାତୀୟ ଜୀବନ କଳୁଷିତ ହେଲେହେଁ ନୀତିବାଦୀ ବ୍ୟକ୍ତି କିପରି ଥାଏ ?

(ଗ)ମଣିଷ  ମହତ  ହୋଇଥାଏ କିପରି  ?

(ଘ) ମଣିଷ ଭିତରେ ଥିବା କେଉଁ ଗୁଣକୁ ଜଗତ ପୂଜା କରିଥାଏ  ?

(ଙ)ପୂତିଗନ୍ଧମୟ ଶବ ବୋଲି କାହାକୁ କୁହାଯାଇଛି  ?

## ଅତିରିକ୍ତ ପୃଷ୍ଠା



P.T.O